

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



# ଆଇସିଡିଏସ୍‌ର ପିଛା ଛାଡୁନି ଦୁର୍ନୀତି

## ସିଡିପିଓ-ସୁପରଭାଇଜର ବିବାଦ ପାଇଁ ୨ ଗୋଷ୍ଠୀ ହେଲାଣି ବିଭାଗ

ବୈପାରୀଗୁଡ଼ା,୧୬।୭(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଜଣେ ସୁପରଭାଇଜର ଓ ସିଡିପିଓଙ୍କ ବିବାଦକୁ ନେଇ ମାସେ ହେଲା ଚର୍ଚ୍ଚା ହୋଇଆସୁଛି। କିନ୍ତୁ ଜିଲା ପ୍ରଶାସନ ଏଯାବତ୍ ଏହା ଉପରେ ଦୃଷ୍ଟି ନ ଦେବା ଉଦ୍‌ବେଗର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଉକ୍ତ ବିବାଦକୁ ନେଇ ବୈପାରୀଗୁଡ଼ା ବ୍ଲକ ଅଙ୍ଗନୱାଡ଼ି ସଂଘ ଦୁଇ ଭାଗ ହୋଇଛି । ଗୋଟିଏ ଗୋଷ୍ଠୀ ସିଡିପିଓଙ୍କ ସମର୍ଥନରେ ଥିବାବେଳେ ଅନ୍ୟ ଗୋଷ୍ଠୀ ସଂପୃକ୍ତ ସୁପରଭାଇଜରଙ୍କୁ ସମର୍ଥନ କରୁଛନ୍ତି। କେତେକ ରାଜନେତା ଏଥିରେ ହସ୍ତକ୍ଷେପ କରିବା ପରେ ତାହା ଭିନ୍ନ ମୋଡ଼ ନେଇଛି। ବହୁ ଅଙ୍ଗନୱାଡ଼ି କର୍ମୀ ମୁହଁ ଖୋଲିବାକୁ ସାହସ କରୁ ନ ଥିବାବେଳେ ବୈପାରୀଗୁଡ଼ା ବ୍ଲକରେ ବିଭାଗୀୟ ଦୁର୍ନୀତିକୁ ସ୍ୱୀକାର କରିଛନ୍ତି।

ପ୍ରକାଶ ଯେ, ଗତ ମାସ ୧୨ରେ ବ୍ଲକର ଚନ୍ଦ୍ରପଡ଼ା ସେକ୍ଟର ସୁପରଭାଇଜର ନିହାରବାଳା ସାହୁ ମାନସିକ ନିର୍ଯାତନା ଯୋଗୁ ଅସୁସ୍ଥ ହୋଇ ବୈପାରୀଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ । ସେତେବେଳେ ସେ ସିଡିପିଓଙ୍କ ବିରୋଧରେ ବହୁ ସଙ୍ଗିନ ଅଭିଯୋଗ ଗଣମାଧ୍ୟମ ସାମ୍ନାକୁ ଆଣିଥିଲେ। ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ଅନୁଦାନରୁ ପିସି ଆଦାୟ କରି ତାଙ୍କୁ ଦେବା ପାଇଁ କର୍ମୀଙ୍କ ଉପରେ ଚାପ ପକାଉଥିଲେ ସିଡିପିଓ। ନିହାରବାଳା ରାଜି ନ ହେବାରୁ ସେ ତାଙ୍କୁ ମାନସିକ ନିର୍ଯାତନା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ଅଭିଯୋଗ କରିଥିଲେ ଖୋଦ୍ ନିହାରବାଳା। ତାଙ୍କୁ ସମର୍ଥନ କରି ଗତ ମାସ ୧୬ରେ ଜୟପୁରରେ ଜିଲା ପରିଦର୍ଶିକା ସଂଘର ବୈଠକ ବସିଥିଲା। ସେଠାରେ ବୈପାରୀଗୁଡ଼ା ବ୍ଲକର ଅନ୍ୟ ୨ ପରିଦର୍ଶିକା ମଧ୍ୟ ସମାନ ଅଭିଯୋଗ ଆଣିବାପରେ ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ତେଜିଥିଲା। ଗତ ୨୩ ତାରିଖରେ ବୈପାରୀଗୁଡ଼ା ମିଶନ ଶକ୍ତି ଗୃହରେ ଅଲ ଓଡ଼ିଶା ଲେଡିଜ୍ ୱାର୍କର ଆସୋସିଏସନ ଜରୁରୀ ବୈଠକ କରି ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବା ବୋଲି ଧମକ ଦେଇଥିଲା। ଗତ ମାସ ୨୬ରେ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ପ୍ରଧାନ ଓ ଅତିରିକ୍ତ ତହସିଲଦାର ସଞ୍ଜିବ ସାରୁ ପ୍ରତି ସେକ୍ଟର ସୁପରଭାଇଜର ଓ ୨ ଜଣ ଲେଖାଏ ୱାର୍କର ତଥା ଛତୁଆ ଦାୟିତ୍ୱରେ ଥିବା ୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବୟାନ ରେକର୍ଡ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାହାର କୌଣସି ଫଇସଲା ହୋଇନାହିଁ।



ବୈପାରୀଗୁଡ଼ା ଆଇସିଡିଏସ୍।

ଅଙ୍ଗନୱାଡି କେନ୍ଦ୍ରରେ ଯୋଗାଇ ଦିଆଯାଉଥିବା ଏସ୍‌ଏନ୍‌ପି, ପୋଷାକ ଓ ପ୍ରି ସ୍କୁଲ କିଟ୍ସରେ ତଥା ବର୍ଦ୍ଧିତ ଦରମା ବକେୟା ବିଲ୍ ବାବଦକୁ ପିସି ଆଦାୟ କରାଯିବା ଅଭିଯୋଗ ହୋଇଛି। ଏସବୁ ଅର୍ଥ କେତେକ ସୁପରଭାଇଜର ଅଥବା ସେକ୍ଟରର ଟିମ୍ ଲିଡର (ନେତୃତ୍ୱ ନେଉଥିବା ଅଙ୍ଗନୱାଡି କର୍ମୀ)ଙ୍କ ମାଧ୍ୟମରେ ଆଦାୟ କରାଯାଉଛି । ଯେଉଁ କର୍ମୀ ଦେବାକୁ ରାଜି ହେଉନାହାନ୍ତି, ସେମାନଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ବାସ୍ତବ ଚିତ୍ର ହେଉଛି, ବୈପାରୀଗୁଡା ବ୍ଲକରେ ବହୁ ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଅନେକ କର୍ମୀ କେନ୍ଦ୍ରରେ ନ ରହି ବ୍ଲକ ସଦରରେ ରହୁଛନ୍ତି। ବହୁ ପରିଦର୍ଶିକା ବ୍ଲକ ବାହାରେ ରହି କେନ୍ଦ୍ରକୁ ଯିବା ବଦଳରେ କର୍ମୀଙ୍କ ଘରକୁ ଯାଇ କାଗଜପତ୍ରରେ କାମ କରୁଛନ୍ତି। କେନ୍ଦ୍ରଗୁଡିକରେ ପ୍ରି ସ୍କୁଲ ଆଦୌ ଚାଲୁ ନଥିବା ବେଳେ ରନ୍ଧା ଖାଦ୍ୟ କିମ୍ବା ପୁଷ୍ଟିକର ଖାଦ୍ୟ ଶିଶୁ ଓ ଗର୍ଭବତୀ ମହିଳା ଠିକ୍ ଭାବେ ପାଉନାହାନ୍ତି। କେନ୍ଦ୍ରକୁ ଆସୁଥିବା ବିଭିନ୍ନ ଉପକରଣ ୱାର୍କରଙ୍କ ଘରେ ରହୁଛି । କାର୍ଯ୍ୟରେ ଖିଲାପ କରୁଥିବା ଉପରୋକ୍ତ କର୍ମୀ ଓ ସୁପରଭାଇଜର ନିଜ ଫାଇଦା ପାଇଁ ସିଡିପିଓଙ୍କୁ ଆଖି ବୁଜି ସମର୍ଥନ କରୁଥିବା ଅଭିଯୋଗ ହୋଇଛି । ସ୍ଥିତି ବିଗିଡିବା ପୂର୍ବରୁ ଜିଲା ପ୍ରଶାସନ ଗ୍ରାଉଣ୍ଡ ଲେବଲକୁ ଯାଇ ସ୍ଥିତି ପରଖି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ସଂପୃକ୍ତ ବିଭାଗରେ ଖେଳଣା ଓ ପୋଷାକ କିଣାରେ ଦୁର୍ନୀତିସଂପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଚର୍ଚ୍ଚା ଜୋର୍ ଧରିଥିଲା। ଏ ସଂକ୍ରାନ୍ତରେ ସିଡିପିଓଙ୍କୁ ପଚାରିବାରୁ ସେ କହିଥିଲେ, କର୍ତ୍ତବ୍ୟରେ ଅବହେଳା କରୁଥିବା ସଂପୃକ୍ତ ସୁପରଭାଇଜରଙ୍କୁ କୈଫିୟତ ମାଗିବାରୁ ସେ ତାଙ୍କ ବିରୋଧରେ ଏପରି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ



ଜୟପୁର,୧୬।୭(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସହର ଓ ଆଖାପାଖ ଗ୍ରାମାଞ୍ଚଳରେ ରହିଥିବା ସିରିଡି ସାଇବାବା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ଜୟପୁର ଏମ୍.ଜି. ରୋଡ, ବାଙ୍କମଠ, ସୌରାଗୁଡ଼ା ଓ ପଦ୍ମପୁରସ୍ଥିତ ସିରିଡିସାହି ବାବା ମନ୍ଦିରରେ ପୂର୍ବାହ୍ନରୁ ବାବାଙ୍କ ପ୍ରତିମୂର୍ତ୍ତିକୁ କ୍ଷୀର, ଜଳ ଅଭିଷେକ କରାଯିବା ସହ ଅପରାହ୍ନ ଯାଏ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ଏହାପରେ ବିମାନରେ ବାବାଙ୍କ ପ୍ରତିମୂର୍ତ୍ତି ରଖାଯାଇ ଭକ୍ତମାନେ ଏହାକୁ କାନ୍ଧରେ ବୋହି ନଗର ପରିକ୍ରମା କରିଥିଲେ। ଏହି ଅବସରର ମନ୍ଦିରରେ ଅନ୍ନଭୋଗ ବଣ୍ଟନ ସହ ଭଜନ କୀର୍ତ୍ତନ କରାଯାଇଥିଲା।

### ବଜ୍ରପାତରେ ୮ ଗୋରୁ ମୃତ

କୁନ୍ଦୁରା,୧୬।୭(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ କିରିମିଟି ପଞ୍ଚାୟତ କଣ୍ଟାପଦର ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ହୋଇଛି। ଗୋବିନ୍ଦ ସାନ୍ତା, ବୁଦୁରା ସାନ୍ତା, ଲକ୍ଷ୍ମଣ ସାନ୍ତା, ମାଝି ସାନ୍ତା, ଶୁଣି ସାନ୍ତାଙ୍କ ଗୋରୁ ମରିଥିବା ପ୍ରାଣୀଧନ ନିରୀକ୍ଷକ ତାରିଣୀ ଡାକୁଆ ଓ ଦେବେନ୍ଦ୍ର ଭଞ୍ଜ ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଗୋଠରେ ଥିବା ୮ ଗୋରୁ ବଜ୍ରପାତର ଶିକାର ହୋଇଥିଲେ। ତେବେ ୩ ଜଣ ଗାଈ ଚରାଳି ଏଥିରୁ ବର୍ତ୍ତିଯାଇଥିଲେ।

### ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ନାଲ୍‌କୋର ସହାୟତା



ଦାମନଯୋଡ଼ି,୧୬।୭(ଡି.ଏନ୍.ଏ.): କୋରାପୁଟ ଜିଲାର ନୂତନ ଜିଲାପାଳ ଭାବେ ପୋମା ଟୁଡୁ ଯୋଗଦେବା ପରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ରବିଶଙ୍କର ଦାସ ଓ ମହାପ୍ରବନ୍ଧକ (ସଂପ୍ରସାରଣ) ଇଂ ସୁଶିଲ ପାଢ଼ୀ। ଖଣି ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ନାଲ୍‌କୋ ନେଉଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳଙ୍କୁ ସୂଚନା ଦିଆଯାଇଥିଲା। ନାଲକୋର ସହଯୋଗୀମାନଙ୍କଠାରୁ ସଂଗ୍ରହ ହୋଇଥିବା ୨ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ଏହି ଅର୍ଥରାଶି ଦିଆଯାଇଥିଲା।

### ସ୍କାଉଟ୍ ଆଣ୍ଡ ଗାଇଡ୍‌ର ପ୍ରସ୍ତୁତି ବୈଠକ

ଜୟପୁର,୧୬।୭(ନି.ପ୍ର.): ଜୟପୁର ସହରର ଅରବିନ୍ଦନଗର ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଚନ୍ଦ୍ରଧ୍ୱଜ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କାଉଟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ସ୍କାଉଟ ଦ୍ୱାରା ଶିଶୁଙ୍କ ମନରେ ଶୃଙ୍ଖଳା, ସ୍ୱାବଲମ୍ବନ, ଶ୍ରଦ୍ଧା ଭାବନା ସୃଷ୍ଟି କରିବା ସହ ଉତ୍ତମ ଚରିତ୍ର ନିର୍ମାଣ ସମ୍ଭବପର ବୋଲି ସେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଅଭିଭାବକମାନେ ଅଧିକରୁ ଅଧିକ ଶିଶୁଙ୍କୁ ସ୍କାଉଟ ବିଭାଗରେ ଭର୍ତ୍ତି କରିବା ପାଇଁ ପ୍ରୋତ୍ସାହନ ଦେବାକୁ କୁହାଯାଇଥିଲା। ସ୍କାଉଟ ଓ ଗାଇଡ ଦାୟିତ୍ୱରେ ଥିବା ଆଚାର୍ଯ୍ୟା ପ୍ରିୟଙ୍କା ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ କର୍ମଶାଳା

**ସାମିଲ ହେଲେ ୫ ଜିଲାର ଅଧିକାରୀ**

କୋରାପୁଟ,୧୬।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଦୀର୍ଘସୂତ୍ରୀ ଯୋଜନାରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ମଙ୍ଗଳବାର ୫ଟି ଜିଲାର ଅଧିକାରୀଙ୍କୁ ନେଇ ଏକ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ୧୦ ସୂତ୍ରୀ ଯୋଜନା କ୍ରମରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଦକ୍ଷିଣ ଓଡ଼ିଶାର କୋରାପୁଟ, ଭୁବନେଶ୍ୱର ଓ ମୟୂରଭଞ୍ଜରେ ଏପରି କର୍ମଶାଳା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସମ୍ବଲପୁରରେ ପ୍ରଥମେ ଏପରି କର୍ମଶାଳା ଆୟୋଜନ ପରେ ମଙ୍ଗଳବାର କୋରାପୁଟରେ ଏହା କରାଯାଇଥିଲା।

କୋରାପୁଟ ଜିଲାପାଳ ପୋମା ଟୁଡୁ କର୍ମଶାଳାର ଶୁଭାରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଧନଜୀବନ ହାନିର ମାତ୍ରା ହ୍ରାସ କରିବା ସହ ଏଥିପାଇଁ ସ୍ଥାୟୀ ରୋଡ ମ୍ୟାପ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଏସ୍‌ଡିଏମ୍‌ଏର ସିଜିଏମ ଡ. ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଆରଡିଏ ଭାରପ୍ରାପ୍ତ ପିଡି ମହେଶ୍ୱର ନାୟକ, ୟୁଏସ୍‌ଡିପିର ଏକ୍ସପର୍ଟ ମେଘନାଦ ବେହେରା, ୟୁନିସେଫ କନସଲଟାଣ୍ଟ ଡ. ବଳରାମ ଯାଦବ, ଅକ୍ସଫାମର ପ୍ରତିନିଧି ବିମଳ ପ୍ରସାଦ ପାଣ୍ଡିଆ, ଓସଡାମାର ଏସପିଓ ଲକ୍ଷ୍ମୀନାରାୟଣ ନାୟକ, ଆଇଏଜି ଓଡ଼ିଶାର ମନୋରଞ୍ଜନ ବେହେରା, ନବରଙ୍ଗପୁର ଓ ମାଲକାନାଗିରି ଜିଲାର ଡିଆରଡିଏ ପିଡି ଉପସ୍ଥିତ ଥିଲେ। ରାଜ୍ୟର ଏହି ୪ଟି ସ୍ଥାନରେ କର୍ମଶାଳା ରିପୋର୍ଟ ପ୍ରସ୍ତୁତ ହେବା ପରେ ଏହାକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପିତ କରିବେ। କୋରାପୁଟ ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କର୍ମଶାଳା ପରିଚାଳନା କରିଥିବାବେଳେ ବିଭାଗୀୟ ଜିଲା ପ୍ରକଳ୍ପ ସଂଯୋଜକ ସୌମ୍ୟରଞ୍ଜନ ସ୍ୱାଇଁ, ମୁଖ୍ୟ କିରାଣି ପ୍ରକାଶ ସାମଲ ସହଯୋଗ କରିଥିଲେ।



ଆଞ୍ଚଳିକ କର୍ମଶାଳାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ସଂଗ୍ରାମୀ ବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର,୧୬।୭(ଡି.ଏନ୍.ଏ./ନି.ପ୍ର.):

ଜୟପୁର ସହରର ସ୍ଥାନୀୟ ପୁରଣା ଚିକିତ୍ସାଳୟ ସମ୍ମୁଖସ୍ଥ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ମହମ୍ମଦ ବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ଜୟପୁର ଅଞ୍ଚଳର ବରିଷ୍ଠ ନାଗରିକମାନେ ଏଭଳି ଦାବି ରଖିଛନ୍ତି। ମଙ୍ଗଳବାର ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ଶ୍ରମିକ ଭବନରେ ବାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବରିଷ୍ଠ ନାଗରିକ ରାମକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ଅତିଥି ଭାବେ ସଂଗ୍ରାମୀ ବାଜୀଙ୍କ ଉପରେ ଗବେଷଣା କରୁଥିବା ସାହିତ୍ୟିକ ସୁବାସ ଚନ୍ଦ୍ର ମିଶ୍ର, ଶିକ୍ଷକ ପ୍ରଦୀପ ମିଶ୍ର, ଇଂ ନରେଶନାଥ ନାୟକ ତାଙ୍କ ଉତ୍ସର୍ଗୀକୃତ ଜୀବନର ସ୍ମୃତିଚାରଣ କରିଥିଲେ। ଅବିଭକ୍ତ କୋରାପୁଟ ଜିଲା ତାଙ୍କ ପାଇଁ ଗର୍ବିତ। ଜୟପୁରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ସହ ନବରଙ୍ଗପୁରର ନୂଆବନ୍ଧ ସାହିରେ ମହମ୍ମଦ ବାଜୀ ସ୍ମୃତି ସଂଗ୍ରହାଳୟକୁ ଟ୍ରଷ୍ଟ କରାଯାଇ ତାଙ୍କର ଶତାୟୁ ଜୀବନୀ ପୁସ୍ତକ ଛପାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

## ଲକ୍ଷାଧିକ ଟଙ୍କାର ପଲିଥିନ ସାମଗ୍ରୀ ଜବତ

କୋରାପୁଟ,୧୬।୭(ସ୍ୱ.ପ୍ର.)

କୋରାପୁଟ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ପଲିଥିନ ସାମଗ୍ରୀ ଜବତ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ସହରର ବସ୍‌ଷ୍ଟାଣ୍ଡ, ଅମଲାକୁଟି ରୋଡ୍, ପୋଷ୍ଟ ଅଫିସ ରୋଡ୍ ଆଦି ବିଭିନ୍ନ ଅଞ୍ଚଳରେ ଥିବା ଦୋକାନ ଉପରେ ଚଢ଼ାଉ କରାଯାଇ ପଲିଥିନ, ପ୍ଲାଷ୍ଟିକ ପ୍ଲେଟ, କପ୍, ଗିନା ଭଳି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ ହୋଇଥିଲା। ପରେ ସେଗୁଡ଼ିକୁ ନେଇ ସହର ଉପକଣ୍ଠ ଆକାଶଗୁଡ଼ା ନିକଟସ୍ଥ ଡମ୍ପିଂୟାର୍ଡରେ ପୋଡ଼ି ଦିଆଯାଇଥିଲା। ପୌରସଂସ୍ଥା ପକ୍ଷରୁ ଏହି ଚଢ଼ାଉରେ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଏସ୍‌ଆଇ ଭରତ ହାଲୁଆ, ବିଶ୍ୱନାଥ ମହାରଣା, ସୀମାଞ୍ଚଳ ପଢିହାରୀ, ମୂର୍ତ୍ତି ପଟ୍ଟନାୟକ, ସମୀର ବାଘ, ନୀଳ ଖିଲ ସାମିଲ ଥିଲେ।

## ଜଳ ସଂରକ୍ଷଣ ପାଇଁ ପିଲାଙ୍କ ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ବନ୍ଧୁଗାଁ,୧୬।୭(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକର ସଦର ପଞ୍ଚାୟତ ସ୍ଥିତ ସରକାରୀ ଏକ୍ସବୋର୍ଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଜଳ ହିଁ ଜୀବନ। ଏହାକୁ ସଂରକ୍ଷଣ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ରହିଛି। ଜଙ୍ଗଲ ନଷ୍ଟ ଓ ବିଭିନ୍ନ କୀଟନାଶକ ବ୍ୟବହାର ଯୋଗୁ ପରିବେଶ ସହ ଜଳ ଓ ବାୟୁ ଦୂଷିତ ହେଉଛି। ପାଣିର ସଠିକ୍ ଓ ଆବଶ୍ୟକତା ଅନୁଯାୟୀ ବ୍ୟବହାର, ବର୍ଷାଜଳ ସଂରକ୍ଷଣ ପାଇଁ ସ୍କୁଲର ୨୨୦ ଜଣ ଛାତ୍ରୀଛାତ୍ର ମଙ୍ଗଳବାର ହାତରେ ପ୍ଲାକାର୍ଡ଼ ନେଇ ସାହି ସାହି ବୁଲି ସଚେତନତା ବାଣ୍ଟିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର କାଶୀ, ଜି. ରୁପା କୁମାରୀ, ଜୟପ୍ରଦା ଦାସ, ସଦାନନ୍ଦ ହାଲୱା, କେ. ଭେଙ୍କଟରମଣା, ଆର୍ଯ୍ୟଭଟ୍ଟ ମାର୍ଥା, ସୌଦାମିନୀ ପୁହାଣ, ନାରାୟଣ ଡାକୁଆ ଉପସ୍ଥିତ ଥିଲେ।

# ପିଡିଏସ୍ ବଣ୍ଟନରେ ହେଉଛି ଅନିୟମିତତା

**ଡିପୋ ନାଁରେ ଅଭିଯୋଗପତ୍ର**

ଜୟପୁର,୧୬।୭(ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥାର ୧୨ ନମ୍ବର ୱାର୍ଡରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଚାଉଳ ଓ କିରୋସିନ ବଣ୍ଟନ ଦାୟିତ୍ୱରେ ଥିବା ଘରୋଇ ଡିପୋ ପରିଚାଳକ ଅନିୟମିତତା ସହ ହିତାଧିକାରୀଙ୍କୁ ଖରାପ ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ନେଇ ବିଧାୟକ ଓ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜୟପୁର ପୌରସଂସ୍ଥାର ୧୨ ନମ୍ବର ୱାର୍ଡ ଭୁପତି ସାହିରେ ପିଡିଏସ୍ ବଣ୍ଟନ ଦାୟିତ୍ୱରେ ଥିବା ଲାଇସେନ୍ସଧାରୀ ଗୁପ୍ତ ପ୍ରସାଦ ପାଣିଗ୍ରାହୀ ପିଡିଏସ୍ ଚାଉଳ ଓ କିରୋସିନ ବଣ୍ଟନରେ ଅବ୍ୟବସ୍ଥା କରୁଛନ୍ତି । ହିତାଧିକାରୀ ଅଭିଯୋଗ କଲେ ପାଲଟା ଧମକ ଦେବା ସହ ଖରାପ ବ୍ୟବହାର କରୁଛନ୍ତି । ମହିଳା ହିତାଧିକାରୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଚାଉଳ ବାହାରେ ବିକିବା ବଦଳରେ ତାଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ କରୁଛନ୍ତି । ଅଞ୍ଚଳର ଅଧିକାଂଶ ଘରେ ବିଜୁଳି ଆଲୁଅ ଓ ଗ୍ୟାସ ଚୁଲା ଥିବା ଯୋଗୁ ହିତାଧିକାରୀ କିରୋସିନ୍ ନେଉ ନ ଥିବାବେଳେ ଉକ୍ତ ଲାଇସେନ୍ସପ୍ରାପ୍ତ ଡିପୋ ପରିଚାଳକ କଳାବଜାରିରେ ସେହି କିରୋସିନ୍‌କୁ ଅଧିକ ଦରରେ ବିକୁଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅଭିଯୋଗପତ୍ର ଦେବାବେଳେ କଂଗ୍ରେସର ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, ୱାର୍ଡ ବାସିନ୍ଦା କେ. ଅରୁଣା ଓ ଅନ୍ୟ ସାହିର ମହିଳାମାନେ ଉପସ୍ଥିତ ଥିଲେ । ଏନେଇ ଡିପୋର ମାଲିକ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ତାଙ୍କ ବିରୋଧରେ ଏହା ମିଥ୍ୟା ଅଭିଯୋଗ ଓ ଷଡ଼ଯନ୍ତ୍ର କରାଯାଇଛି।

## ହାତ ଉଧାରିରେ ପାଇଖାନା ତିଆରିକଲେ ହିତାଧିକାରୀ

# ନିର୍ମାଣର ବର୍ଷକ ପରେ ବି ମିଳିନି ଟଙ୍କା

ଦାମନଯୋଡ଼ି,୧୬।୭(ଡି.ଏନ୍.ଏ.)

କୋରାପୁଟ ବ୍ଲକ ଅଧୀନସ୍ଥ ମାଥାଲପୁଟ ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ବାହ୍ୟ ମଳତ୍ୟାଗ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ବିପୁଳ ଅନୁଦାନ ଦେଉଥିବା ବେଳେ ବ୍ଲକ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ପାଇଖାନା ନିର୍ମାଣ ବାବଦରେ ଅର୍ଥରାଶି ପ୍ରଦାନରେ ବ୍ୟାପକ ବିଳମ୍ବ କରାଯାଉଛି । ଲୋକେ ଉଧାର କରି ପାଇଖାନା ନିର୍ମାଣ ଶେଷ କରୁଛନ୍ତି ; କିନ୍ତୁ ଏହାର ବର୍ଷ ବର୍ଷ ପରେ ମଧ୍ୟ ସେମାନଙ୍କୁ ଅର୍ଥରାଶି ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଫଳରେ ଅନ୍ୟମାନେ ଏବେ ପାଇଖାନା ନିର୍ମାଣ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ମାଥାଲପୁଟ ଗ୍ରାମର କେତେକ ଲୋକେ ପାଇଖାନା ନିର୍ମାଣ ଶେଷକରି କାଗଜପତ୍ର ଓ ଫଟୋ ଆଦି ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରଦାନ କରିବାର ଏକବର୍ଷ ବିତିଲାଣି। କିନ୍ତୁ ଏଯାବତ୍ ପାଇଖାନା ଅର୍ଥ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ବ୍ଲକର ଏହି ପଞ୍ଚାୟତରେ ଯନ୍ତ୍ରୀଙ୍କ ଅବହେଳା ଓ ଅଣଦେଖା ଯୋଗୁ ସାଧାରଣ ଜନତା ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହେଉଛି। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ଯୋଜନା ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରକୃତି ମିତ୍ର ରଜତଙ୍କ ପ୍ରୟାସର ଫଳ

# ଲଣ୍ଡା ପାହାଡ଼ ଏବେ ପର୍ଯ୍ୟଟନ କେନ୍ଦ୍ର

ବୈପାରୀଗୁଡ଼ା,୧୬।୭(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ଓ ଆଧ୍ୟାତ୍ମିକ ଚିନ୍ତନ ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ସହାୟକ ହୁଏ। ଏ କଥା ଭଲଭାବେ ହୃଦୟଙ୍ଗମ କରିଛନ୍ତି ବୈପାରୀଗୁଡ଼ା ଉପକଣ୍ଠ ଗୁଣ୍ଡାଗୁଡ଼ା ଗ୍ରାମର ରଜତ ହରିଜନ (୪୨)। ହରିଜନ ଓ ପରଜା ଭୂମିଆ ପରିବାରଙ୍କୁ ନେଇ ଗଠିତ ଗୁଣ୍ଡାଗୁଡ଼ା ଗାଁ ପାହାଡ଼ ପାଖକୁ ଲାଗି ରହିଛି। ଦୀର୍ଘ ବର୍ଷ ରାଜ୍ୟ ବାହାରେ ଶ୍ରମିକ ଭାବେ କାମ କରିବା ପରେ ରଜତ ୧୦ ବର୍ଷ ତଳେ ଗାଁକୁ ଫେରିଥିଲେ । ଗାଁ ପାଖ ପାହାଡ଼ରେ ଥିବା ମୂଲ୍ୟବାନ ଶାଗୁଆନ ଜଙ୍ଗଲକୁ ଲୁଟିଚାଲିଥିଲେ ମାଫିଆ। ରଜତଙ୍କ ଦୃଷ୍ଟିକୁ ଏହା ଆସିବା ପରେ ଏହାକୁ ରୋକିବା ପାଇଁ ସେ ବନ ବିଭାଗକୁ ସହାୟତା କଲେ । ତାଙ୍କଠାରୁ ସୂଚନା ପାଇ ବନ ବିଭାଗ ବହୁ କାଠ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିଲା। କେତେକ ଆଦିବାସୀ ପାହାଡ଼ ତଳେ ମଦ ରାନ୍ଧି ଗାଁରେ ଆଣି ବିକୁଥିଲେ ଓ ସେହି ମଦ ପିଇ ଗାଁରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ରଜତ ମଦରନ୍ଧାକୁ ବନ୍ଦ କଲେ। ଗାଁର ଆଉ କେତେକ ଲୋକ ପାହାଡ଼ ତଳେ ଗୋରୁ କାଟୁଥିଲେ। ରଜତ ପୋଲିସ ସହାୟତାରେ ତାହାକୁ ବନ୍ଦ କରିବା ସହ ଗାଁରେ ଥିବା ଚମଡ଼ା ଗୋଦାମକୁ ମଧ୍ୟ ହଟାଇଥିଲେ। ଏଥିପାଇଁ ତାଙ୍କୁ ବହୁ ବିରୋଧ ଓ ଧମକର ସାମ୍ନା କରିବାକୁ ପଡ଼ିଲା। ଏହାର ମୁକାବିଲା ପାଇଁ ସେ ଗାଁର ଯୁବକଙ୍କୁ ସଂଗଠିତ କରି ପାହାଡ଼ ପାଦଦେଶରେ ଛୋଟ ହନୁମାନ ବିଗ୍ରହ ରଖି ଆଖଡା କେନ୍ଦ୍ର ଖୋଲିଲେ । ଯୁବକଙ୍କୁ ବ୍ୟାୟାମ, ଯୋଗ ଓ ନୀତିଶିକ୍ଷା ଦେବା ସହ ସେଠାରେ ଲକ୍ଷାଧିକ ଟଙ୍କା ବିନିଯୋଗ କରି ୨୪ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି ପ୍ରତିଷ୍ଠା କଲେ । ରଜତଙ୍କ ଇଚ୍ଛାଶକ୍ତି ଦେଖି ବନ ବିଭାଗ ସହାୟତାର ହାତ ବଢ଼ାଇଲା । ୨୦୧୭ରେ ତତ୍କାଳୀନ ବନାଞ୍ଚଳ ଅଧିକାରୀ ଉମା ମହେଶଙ୍କ ସୁପାରିଶ କ୍ରମେ ତାଙ୍କୁ ପ୍ରକୃତି ମିତ୍ର ସମ୍ମାନ ମିଳିଥିଲା । ୨୦୧୮-୧୯ରେ ବନ ବିଭାଗ ଉକ୍ତ ସ୍ଥାନକୁ ହନୁମାନ ବାଟିକା ନାମକରଣ କରିବା ସହ ୬ ହେକ୍ଟର ଜାଗାରେ ୮ ହଜାର ଚାରା ରୋପଣ କରିଥିଲା। ବସିବା ପାଇଁ ପିଣ୍ଡି, ବିଦ୍ୟୁତିକରଣ ସରିଥିବା ବେଳେ ଫାଉଣ୍ଟେନ୍ ନିର୍ମାଣ, ଯୋଗାଯୋଗ ପାଇଁ ରାସ୍ତା, ପିଲାଙ୍କ ପାଇଁ ପାର୍କ ଓ ଯୁବକଙ୍କ ପାଇଁ ଜିମ୍ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ରମେଶ ରାଉତ କହିଛନ୍ତି।



ନିଜ ହାତରେ ପରିବେଶ ଗଢ଼ିଥିବା ହନୁମାନ ବାଟିକାରେ ରଜତ ହରିଜନ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଜୁଲାଇ ୧୭ /୨୦୧୯ Rayagada, Wednesday, July 17/ 2019

# ଚନ୍ଦାହାଣ୍ଡି ବ୍ଳକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଚନ୍ଦାହାଣ୍ଡି, ୧୬।୭(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଳକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତର ଅଭାବରୁ ରୋଗୀ ସେବା ପାଇ ପାରୁ ନାହାନ୍ତି। ଚନ୍ଦାହାଣ୍ଡି ବ୍ଳକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେଫେରାଲ ସେଣ୍ଟର ଭାବେ ପରିଗଣିତ ହେଉଛି। ବାଧ୍ୟ ହୋଇ ରୋଗୀ ଉମରକୋଟ, ନବରଙ୍ଗପୁର, ଧର୍ମଗଡ, ଭବାନୀପାଟଣା ଯାଇ ଚିକିତ୍ସିତ ହେଉଛନ୍ତି। ୭୦ହଜାର ଜନସଂଖ୍ୟା ବିଶିଷ୍ଟ ଚନ୍ଦାହାଣ୍ଡି ବ୍ଳକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର କଲ୍ଲେସ ସୁନା କାର୍ଯ୍ୟ କରୁଛନ୍ତି । ଅନ୍ୟ ୨ ଜଣ ଡାକ୍ତର ଡେପୁଟେଶନରେ ବେହେରାମୁଣ୍ଡା ଓ ଫଟକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଛନ୍ତି। ବ୍ଳକରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫଟକି, ଅନକାବେଡା, ଦଳବେଡା ଏବଂ ବେହେରାମୁଣ୍ଡାରେ ରହିଛି। ବେହେରାମୁଣ୍ଡା ଡାକ୍ତର ପ୍ରଶାନ୍ତ କୁମାର ଦାଶ ଏବଂ ଫଟକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଜୟଲକ୍ଷ୍ମୀ ପ୍ରଧାନ ଡେପୁଟେଶନରେ ଯାଇ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରୁଛନ୍ତି। ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଏବଂ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି । ୧୬ ଶଯ୍ୟା ବିଶିଷ୍ଟ ଚନ୍ଦାହାଣ୍ଡି



ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ବିଶେଷଜ୍ଞ ପଦବୀ ଖାଲି ପଡିଛି
- ଫାର୍ମାସିଷ୍ଟ ଏବଂ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
- ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ମହିଳା ସ୍ୱାସ୍ଥ୍ୟକର୍ମୀ ଯାଉ ନଥିବା ଅଭିଯୋଗ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାନା ସମସ୍ୟା ଦେଇ ଗତିକରୁଛି। ଏଠାରେ ସ୍ଥାୟୀ ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ ନାହାନ୍ତି। ସେହିପରି ଦୀର୍ଘବର୍ଷ ହେବ ଭେଷଜ ବିଶେଷଜ୍ଞ (ମେଡିସିନ ସ୍ପେଶାଲିଷ୍ଟ), ଶଲ୍ୟ ଚିକିତ୍ସା ବିଶେଷଜ୍ଞ (ସର୍ଜରୀ) ପଦବୀ ଖାଲିପଡିଛି । ଉପଯୁକ୍ତ ଚିକିତ୍ସା ନପାଇ ଏଠାକାର ରୋଗୀମାନେ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ଚନ୍ଦାହାଣ୍ଡି ବ୍ଳକଟି ନବରଙ୍ଗପୁର ଜିଲାର ଉପାନ୍ତ ଅଞ୍ଚଳ ହୋଇଥିବାବେଳେ ଡାକ୍ତରଖାନାରେ ଏକ୍ସରେ ମେଶିନ ନଥିବା ଯୋଗୁ ଧର୍ମଗଡ କିମ୍ବା ଭବାନୀପାଟଣା ଯାଇ ରୋଗୀ ଖର୍ଚ୍ଚାନ୍ତ ହେଉଛନ୍ତି । ଏପରିସ୍ଥଳେ ଏଠାରେ ରୋଗୀ ସେବା କିପରି ଚାଲିଥିବ ସହଜେ ଅନୁମେୟ। ବ୍ଳକରେ ୧୯ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଗୁଡିକ ହେଲା ବଇଦପଡା, ପାଟଖଲିଆ, ଗମ୍ଭାରୀଗୁଡା, ଭେଣ୍ଡିଆ, ମାଲଗାଁ, ମୋହରା, କନ୍ଧିଓଡା, ଫଟକି, ଫଲସାପଡା, ବେହେରାମୁଣ୍ଡା, ଅନକାବେଡା, ଜମାଦାରପଡା, ଡହିମାଲ, ଦଳବେଡା, ଚନ୍ଦାହାଣ୍ଡି, ଅଣ୍ଟିପଡା, ସରଧାପୁର, କୋଇଲିମୁଣ୍ଡା ଓ କେନ୍ଦୁଗୁଡା। ଏହି ୧୯ଟି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୩୮ ମହିଳା ସ୍ୱାସ୍ଥ୍ୟକର୍ମୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ବହୁ ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ମହିଳା ସ୍ୱାସ୍ଥ୍ୟକର୍ମୀ ଯାଉ ନଥିବା ସେହି ଗ୍ରାମର ଜନସାଧାରଣ ଅଭିଯୋଗ କରିଛନ୍ତି । ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କେନ୍ଦ୍ର ନିର୍ମାଣ କରିଥିଲେ ମଧ୍ୟ ବହୁ କେନ୍ଦ୍ର ଭୂତକୋଠି ପାଲଟିଛି । ଏପରିକି ବହୁ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ନିୟମିତ ରହୁ ନଥିବା ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ୱୀକାର କରିଛନ୍ତି । ଅନ୍ୟପକ୍ଷରେ ଦୀର୍ଘବର୍ଷ ହେବ ଏହିସବୁ ସମସ୍ୟା ଲାଗିରହିଥିଲେ ମଧ୍ୟ ପ୍ରଶାସନ କିମ୍ବା ଲୋକ ପ୍ରତିନିଧି ପକ୍ଷରୁ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆ ଯାଉ ନଥିବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ବିଫଳ ହୋଇଥିବାରୁ ଏଠାରେ ଦିନକୁ ଦିନ କ୍ୱାକମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଜୟଲକ୍ଷ୍ମୀ ପ୍ରଧାନଙ୍କୁ ପଚାରିବାରୁ ଡାକ୍ତର ପଦବୀ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା କହିଛନ୍ତି ।

# ନିର୍ମାଣ ହୋଇପାରୁନି ଶହେ ମିଟର ରାସ୍ତା



ଖାଲ ଖମାରେ ଭର୍ତ୍ତି ହୋଇଥିବା ରାସ୍ତା ।

**ନବରଙ୍ଗପୁର,୧୬।୭(ବି.ପ୍ର.)–** ନବରଙ୍ଗପୁର ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ମଙ୍ଗଳମ ଟିମ୍ବର ରାସ୍ତା–ମହିଳା ମହାବିଦ୍ୟାଳୟ ଛକ ଦେଇ ଭିଜିଲାନ୍ସ ଅଫିସରୁ ପୂର୍ତ୍ତବିଭାଗ ବଙ୍ଗଳା ପର୍ଯ୍ୟନ୍ତ ରାସ୍ତାକୁ ବ୍ୟବହାର କରାଯାଉଛି । ଏହା ଦ୍ୱାରା ସହର ମଧ୍ୟରେ ଭାରୀ ଯାନବାହାନ ଚଳାଚଳ ବନ୍ଦ ହୋଇଛି । ଦୀର୍ଘ ବର୍ଷ ହେବ ମଙ୍ଗଳମ ଟିମ୍ବର ରାସ୍ତା ତିଆରି ହୋଇ ପାରୁ ନଥିବା ବେଳେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଉଦ୍ୟମ କ୍ରମେ ଉକ୍ତ ପକ୍କା ରାସ୍ତା ନିର୍ମାଣ ହୋଇଥିଲା । ତେବେ ହିଲ୍ଲି ଡଙ୍ଗର ସମ୍ମୁଖରେ ପ୍ରାୟ ୧ଶହ ମିଟର ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ବଡବଡ ଖାଲଖମା ସହ ସଙ୍କିର୍ଣ୍ଣ ହୋଇ ରାସ୍ତା ରହିଛି । ଏହା ଦ୍ୱାରା ଟ୍ରକ, ବସ ଯିବା ଆସିବା କରିବା ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଗାଡି ଯାତାୟାତରେ ସମସ୍ୟା ଦେଖା ଦେଉଛି । ବର୍ଷା ହେଲେ ଖାଲଖମା ଗୁଡିକରେ ପାଣି ଜମି ରହୁଛି । ବାଇକ ଯାତାୟାତ ବେଳେ ଖାଲରେ ପଡି ବାଇକ ଚାଳକ ଗୁରୁତର ହେଉଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ ରହିଥିବା ଏହି ରାସ୍ତାରେ ମାଟି ମଧ୍ୟ ପକାଯାଉ ନାହିଁ । ସେହିଭଳି ଏହି ରାସ୍ତା କୋଷାଗୁମୁଡା ବ୍ଳକକୁ ମଧ୍ୟ ସଂଯୋଗ କରୁଛି । ଅଗ୍ନିପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଅଧା କିମି ଦୂର ପରେ ୫୦ ମିଟର ରାସ୍ତା ନିର୍ମାଣ ହୋଇପାରୁ ନାହିଁ । ଦୀର୍ଘ ଦୁଇ ବର୍ଷ ହେବ ଏହି ରାସ୍ତା ନିର୍ମାଣ ହୋଇ ପାରୁ ନଥିବାରୁ ଟ୍ରକ ଓ ବସ ଗୁଡିକ ଯିବା ଆସିବାରେ ସମସ୍ୟା ଦେଖା ଦେଉଛି । ଜିଲାପାଳ ଓ ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ ଉକ୍ତ ରାସ୍ତା ମରାମତି ପାଇଁ ଗୁରୁତ୍ୱ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଗୁରୁପୂର୍ଣ୍ଣିମା ପାଳିତ



**ଡାବୁଗାଁ, ୧୬।୭ (ଡି.ଏନ.ଏ.)-** ଡାବୁଗାଁ ବ୍ଳକ ଗରୁଡଗୁଡା ଗ୍ରାମରେ ଥିବା ଶ୍ରୀ ରାମକୃଷ୍ଣମିଶନ ମନ୍ଦିରରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବା ସଂଘ ଆନୁକୁଲ୍ୟରେ ଗୁରୁ ପୂର୍ଣ୍ଣିମା ମଙ୍ଗଳବାର ପାଳିତ ହୋଇଯାଇଛି । ଏଥିରେ ରଘୁନାଥ ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସାଂସଦ ଭଗବାନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ରାଧାନାଥ ବେହେରା ଯୋଗ ଦେଇ ଗୁରୁ ପୂର୍ଣ୍ଣିମା ପାଳନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଭୈରବ ମହାବିଦ୍ୟାଳୟ ପ୍ରାଧାପିକା ବାସନ୍ତୀ ମହାନ୍ତି ବ୍ୟାସ ଦେବଙ୍କ ଜନ୍ମ ଓ ତାଙ୍କର ଅବଦାନ ସମ୍ପର୍କରେ କହିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷା ନିତ୍ୟାନନ୍ଦ ମହାନ୍ତି ଓ ମହେନ୍ଦ୍ର କାମେଲା ପ୍ରମୁଖ ଗୁରୁ ପୂର୍ଣ୍ଣିମା ପାଳନ ଉପରେ କହିଥିଲେ। ଏଥିରେ ରାମକୃଷ୍ଣ ଶାରଦା ସେବାସଂଘ ସଭାପତି ସୁବ୍ରତ ପରିଡା, ଉପସଭାପତି ନୀଳାଞ୍ଚଳ ପଣ୍ଡା, କୋଷାଧକ୍ଷ ବିଜୟ କୁମାର ବାରିକ, ରଞ୍ଜିତ ବିଶୋଇ, ରାମେଶ୍ୱର ମାଦଳା, ପ୍ରଜ୍ଞା ପ୍ରଭା ରାଜ ପ୍ରମୁଖ ଉପସ୍ଥିତ ଥିଲେ। ରାମକୃଷ୍ଣ ଶାରଦା ସେବା ସଂଘ ସମ୍ପାଦକ ବାବି ଜେନା ଧନ୍ୟବାଦ ଦେଇଥିଲେ । ଏଥିରେ ଡାବୁଗାଁ, ଉମରକୋଟ ଓ ନବରଙ୍ଗପୁରରୁ ବହୁ ଭକ୍ତ ଯୋଗ ଦେଇଥିଲେ।

### ଭାଜପାର ବ୍ଳକସ୍ତରୀୟ ବୈଠକ

**ଡାବୁଗାଁ,୧୬।୭(ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଳକ ସଦରମହକୁମାସ୍ଥିତ ଭୈରବ ମନ୍ଦିର ପ୍ରାଙ୍ଗଣରେ ଡାବୁଗାଁ ବ୍ଳକ ଭାଜପା ପକ୍ଷରୁ ବ୍ଳକ ସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦସ୍ୟତା ସଂଗ୍ରହ ଉପରେ ଆଲୋଚନା କରଯାଇଥିଲା । ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ, ସଦସ୍ୟତା ଅଭିଯାନର ଜିଲା ପ୍ରମୁଖ ରମେଶ ସାହୁ, ପୂର୍ବତନ ଏମପି ବଳଭଦ୍ର ମାଝୀ, ସଦସ୍ୟତା ଅଭିଯାନର ଜିଲା ସହ ପ୍ରମୁଖ ଗୌରୀ ମାଝୀ, ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର, ଡାବୁଗାଁ ମଣ୍ଡଳ ସଭାପତି ଜେ. ରାଜଶେଖର, ଡାବୁଗାଁ ମଣ୍ଡଳ ସଦସ୍ୟତା ପ୍ରଭାରି ଭୀମସେନ ଜେନା, ସହ ପ୍ରଭାରି ମହେଶ ପାତ୍ର, ବୋରିଗାଁ ମଣ୍ଡଳ ପ୍ରଭାରି ବିଶ୍ୱନାଥ ମାଝୀ, ସହ ପ୍ରଭାରି ଯାଦବ ବିଶୋଇ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନରୁ ସିଂ, ବନ୍ଧୁ ମାଝୀ ଏବଂ ଡାବୁଗାଁ ବ୍ଳକର ୧୨ ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ



ପୂର୍ବତନ ଏମପି ବଳଭଦ୍ର ମାଝି ଓ ଭାଜପା କର୍ମକର୍ତ୍ତାମାନେ।

**କୋଷାଗୁମୁଡ଼ା,୧୬।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଳକ ଜୁନାପାଣି ଶିବ ମନ୍ଦିର ପରିସରରେ ଭାଜପା ପକ୍ଷରୁ ମଙ୍ଗଳବାର ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି । ଏଥିସହ ଗୁରୁ ପୂର୍ଣ୍ଣିମା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଯୋଗଦେଇ ଜିଲା ଭାଜପାକୁ ତୃଣମୂଳସ୍ତରରୁ ମଜଭୁତ କରିବା ଏବଂ ପ୍ରତ୍ୟେକ ଭୋଟରଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇବାକୁ କହିଥିଲେ। ଯାହାକି ବର୍ତ୍ତମାନ ସୁଦ୍ଧା କୋଷାଗୁମୁଡ଼ା ବ୍ଳକରେ କାର୍ଯ୍ୟକାରୀ ହୋଇପାରି ନାହିଁ । ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟରଖି ଭୋଟରଙ୍କୁ ସଦସ୍ୟତା ଗ୍ରହଣ କରିବା ନିମନ୍ତେ ପ୍ରତ୍ୟେକ ବୁଥକୁ ଦଳର କର୍ମୀମାନେ ଯିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ପୂଜାରୀ ସଭାପତିତ୍ୱ କରିଥିବା ବେଳେ ଗୌରୀଶଙ୍କର ମାଝି, ଜିଲା ଓବିସି ସେଲ୍ ସଭାପତି ମନୋଜ ମହାଙ୍କୁଡ଼, ପଦ୍ମନ ନାୟକ, ପସନ୍ନ ପଟ୍ଟନାୟକ, ଜିଲା ଓବିସି ସେଲ ଉପସଭାପତି ସିମାଞ୍ଚଳ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ ।

## ■ ଏନ୍‌କାଉଣ୍ଟରରେ ୨ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା

# ୫ ଲକ୍ଷ ଲେଖାଏଁ ସହାୟତା ଦେଲେ ଛତିଶଗଡ ସରକାର

**ରାଇଘର,୧୬।୭(ଡି.ଏନ.ଏ)**

ସୀମାନ୍ତ ଛତିଶଗଡ ବୋରେଇ ଥାନା ସାଲେଭଟ୍ଟା ଗାଁର ଗରଞ୍ଜି ଜଙ୍ଗଲ ମଧ୍ୟରେ ଗତ ଏପ୍ରିଲ ୬ ତାରିଖରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ନବରଙ୍ଗପୁର ଜିଲା ରାଇଘର ବ୍ଳକ କୁନ୍ଦେଇ ଥାନା ସେମରଡିହି ଗାଁର ସହଦେବ ଗଣ୍ଡ(୨୮) ଓ ବୁଧେ ସିଂ ଗଣ୍ଡ (୨୯) ଙ୍କ ମୃତ୍ୟୁ ଘଟିଥିଲା। ଛତିଶଗଡ ପୋଲିସ ଗୁଳିରେ ନୀରିହ ଯୁବକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ଛତିଶଗଡ ସରକାର ଏହି ଘଟଣାର ତଦନ୍ତ କରିବା ପରେ ମୃତକଙ୍କ ପରିବାରଙ୍କୁ ଛତିଶଗଡ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ମୃତକଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଛତିଶଗଡ ପ୍ରଶାସନିକ ଅଧିକାରୀ ମୃତକଙ୍କ ପରିବାର ସଦସ୍ୟକୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ରାଇଘର ବ୍ଳକ କୁନ୍ଦେଇ ଥାନା ସେମରଡିହି ଗାଁର ସହଦେବ ଓ ବୁଧେ ସିଂ ଗତ ଏପ୍ରିଲ ୪ ତାରିଖରେ ମହୁ ସଂଗ୍ରହ ପାଇଁ ସୀମାନ୍ତ ଗରଞ୍ଜି ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ମାଓବାଦୀ ଓ ଛତିଶଗଡ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ସହଦେବ ଓ ବୁଧେଙ୍କ ମୃତ୍ୟୁ ଘଟିଥିଲା। ୨ ଦିନ ପରେ ଜଙ୍ଗଲରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଛତିଶଗଡ ପୋଲିସ ଗୁଳିରେ ନୀରିହ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଛତିଶଗଡ ସରକାର ଏହି ଘଟଣାର ତଦନ୍ତ କମିଶନ ବସାଇଥିଲେ। ତଦନ୍ତ ପରେ ଛତିଶଗଡ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଛତିଶଗଡ ସରକାରଙ୍କ ଠାରୁ ମୃତକଙ୍କ ପରିବାର ପାଇଁ ଏହି ସହାୟତା ରାଶି ଆଣିବାରେ ସ୍ଥାନୀୟ ଯୁବ ସରପଞ୍ଚ ସନରାଜ ଗଣ୍ଡଙ୍କ ଉଦ୍ୟମକୁ ଗ୍ରାମବାସୀ ପ୍ରଂଶସା କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇନ ଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଇଘର ବିଡିଓ ଦେବୀ ପ୍ରସାଦ ଟାଲି ମୃତକଙ୍କ ପରିବାରକୁ ସାକ୍ଷାତ କରି ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଲେଖାଏଁ ଟଙ୍କା ଓ ଜାତୀୟ ପରିବାର କଲ୍ୟାଣ ଯୋଜନା ତରଫରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ସହାୟତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସମାଲୋଚନା କରାଯାଇଛି।

# ଶିରିଡି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା




ପାପଡାହାଣ୍ଡି ଶିରିଡି ସାଇ ମନ୍ଦିର ।

**ନବରଙ୍ଗପୁର,୧୬।୭(ବି.ପ୍ର.)–** ପାପଡାହାଣ୍ଡି ଶିରିଡି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି । କାକଡ ଆଳତି , କ୍ଷୀର ଅଭିଷେକ, ବିଭୂତି ଅଭିଷେକ ଓ ପୂଜା ଅର୍ଚ୍ଚନା, ହୋମ, ଆଳତି ଆଦି କରାଯାଇଥିଲା । ପରେ ପାଲିଙ୍କିରେ ନଗର ପରିକ୍ରମା କରାଯାଇଥିଲା । ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ବିଭୂତି ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ମାନେ ସହଯୋଗ କରିଥିଲେ । ସେହିଭଳି ନବରଙ୍ଗପୁର ଚାଇନା ମାର୍କେଟ ସ୍ଥିତ ଶିରିଡି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସାଇ ମନ୍ଦିର କମିଟି ଆନୁକୁଲ୍ୟରେ ପାଳିତ ଏହି କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ କାକଡ ଆରତି ଅନୁଷ୍ଠିତ ହୋଇଥିଲା। ଖିର ଅଭିଷେକ, ଅଳଙ୍କରଣ , ମଧ୍ୟାହ୍ନ ଆରତି କରାଯାଇଥିଲା । ସଂଧ୍ୟାରେ ପାଲଙ୍କିରେ ନଗର ପରିକ୍ରମା କରାଯାଇଥିଲା । ଗୁରୁ ପୂର୍ଣ୍ଣିମା ପାଳନ ଅବସରରେ ୨୫୦ଟି କମ୍ବଳ ଗରିବଙ୍କୁ ବଣ୍ଟାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କମିଟିର ସଭାପତି ଭି. କ୍ରୀଷ୍ଣା ରାଓ , ଉପ ସଭାପତି କେ. ଶ୍ରୀନିବାସ ରାଓ. ଏମ୍. କ୍ରୀଷ୍ଣା ରାଓ , ସଂମ୍ପାଦକ ବି. ସତ୍ୟମ୍, କୋଷାଧ୍ୟକ୍ଷ ଏ. ସତ୍ୟ ନାରାୟଣ ରାଓ , ସଂଗଠନ ସମ୍ପାଦକ ଏମ କ୍ରିଷ୍ଣା ରାଓ , ଯୁଗ୍ମ ସଂପାଦକ ଏ. ସିମାଞ୍ଚଳମ୍ ପ୍ରମୁଖ ସହଯୋଗ କରିଥିଲେ।




20

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ସୁରକ୍ଷା, ନିରାପତ୍ତା ପରାମର୍ଶ ଶିବିର

**ମୁନିଗୁଡା, ୧୬।୭ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡା ସରକାରୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧକ୍ଷତାରେ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗକୁ ନେଇ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଦିଲୀପ କୁମାର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭି.ଭି. ଭାସ୍କର ରାଓ, ସୁବାସ ଶବର, ସାମାଜିକ କର୍ମୀ ଡଃ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି, ବିଦ୍ୟୁତ୍ ସରବରାହ, ମଧ୍ୟାହ୍ନ ଭୋଜନ, ଶୌଚାଳୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପାଚିକା, ମାଟ୍ରନ୍, ୱାର୍ଡେନ୍, ପରିଚାଳକ, ଏଏନ୍ଏମ୍‌ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଅଭାବ, ଅସୁବିଧା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେବା ସହ ଛାତ୍ରୀଛାତ୍ରମାନଙ୍କର ସୁରକ୍ଷା ଏବଂ ନିରାପତ୍ତାକୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ସହାୟତା କରିଥିବା ବେଳେ ସିଆରସିସି ଅକ୍ଷୟ କୁମାର ରଥ ଧନ୍ୟବାଦ ଦେଇଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ପରିଚାଳକ ଅଂଶଗ୍ରହଣ କରିଥିଲେ।

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ରାୟଗଡା ଅଫିସ୍, ୧୬।୭:** ରାୟଗଡା ଷ୍ଟେଶନ୍‌ରେ ଟ୍ରେନ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳି ନାହିଁ। ସେ ବହୁ ସମୟ ଧରି ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ଆସିଯିବାରୁ ତାହା ଆଗକୁ ଯୁବକଜଣକ ଦୌଡିଥିଲେ। ଯୁବକଙ୍କୁ ଏପରି କରୁଥିବା ଦେଖି ସ୍ଥାନୀୟ ଲୋକେ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଟ୍ରେନ ଚକା ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଲବାହୀ ଗାଡିରେ ଥିବା ଗାର୍ଡମ୍ୟାନ ରାୟଗଡା ଷ୍ଟେଶନ୍ ପରିଚାଳକଙ୍କୁ ସୂଚନା ଦେବା ପରେ ଟ୍ରେନ ଅଟକିଥିଲା। ରେଳ ସୁରକ୍ଷା ବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବଜ୍ରପାତରେ ୮ ଗୋରୁ ମୃତ

**କୁନ୍ଦୁରା, ୧୬।୭(ଡି.ଏନ୍.ଏ.):** କୁନ୍ଦୁରା ବ୍ଲକ କିରିମିଟି ପଞ୍ଚାୟତ କଣ୍ଡାପଦର ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ହୋଇଛି। ଗୋବିନ୍ଦ ସାନ୍ତା, ବୁଦୁରା ସାନ୍ତା, ଲକ୍ଷ୍ମଣ ସାନ୍ତା, ମାଝି ସାନ୍ତା, ଶୁଣି ସାନ୍ତାଙ୍କ ଗୋରୁ ମରିଥିବା ପ୍ରାଣୀଧନ ନିରୀକ୍ଷକ ତାରିଣୀ ଡାକୁଆ ଓ ଦେବେନ୍ଦ୍ର ଭଞ୍ଜ ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନ ୪ଟା ବେଳେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଗୋଠରେ ଥିବା ୮ ଗୋରୁ ବଜ୍ରପାତର ଶିକାର ହୋଇଥିଲେ।

■ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ନିରାପତ୍ତା କମିଶନର

**ରାୟଗଡା ଅଫିସ୍, ୧୬।୭**

ଗତ ୨୫ ତାରିଖରେ ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ କରିଛନ୍ତି ରେଳବାଇ ନିରାପତ୍ତା କମିଶନର। ଦ୍ୱିତୀୟଥର ପାଇଁ କମିଶନଙ୍କ ପକ୍ଷରୁ ମଙ୍ଗଳବାର ଏହି ତଦନ୍ତ କରାଯାଇଛି। କଲିକତାରୁ ଆସି ଏକ ସ୍ୱତନ୍ତ୍ର ଟିମ୍ ଏହି ତଦନ୍ତ କରିଥିଲେ। ତେବେ ଟିମ୍ ମୁଖ୍ୟ ତଥା କମିଶନର ଆର୍.କେ. ଶର୍ମା ଟ୍ରେନର ଇଞ୍ଜିନରେ ବସି କୋରାପୁଟ-ରାୟଗଡା ରେଳପଥ ଅନୁଧ୍ୟାନ କରିଥିଲେ। ଯାହାକି ଉପସ୍ଥିତ ରେଳ କର୍ମଚାରୀ ଓ ସୁରକ୍ଷା କର୍ମୀ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।। କମିଶନର ଆର୍.କେ ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ପୂର୍ବତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବିଶାଖାପାଟଣା ଡିଆର୍‌ଏମ୍ ଚେତନ ଶ୍ରୀବାସ୍ତବ, ବରିଷ୍ଠ ଡିଭିଜନାଲ ଅପରେଶନ ମ୍ୟାନେଜର ଏନ୍.ଏନ୍ ସିଂ ଅଛନ୍ତି। ଏହି ତଦନ୍ତକାରୀ ଟିମ୍ ପ୍ରଥମେ କେଉଟଗୁଡା ରେଳ ଷ୍ଟେଶନ୍‌କୁ ଯାଇଥିଲେ। ସେଠାରେ ଦୀର୍ଘ ୨ଘଣ୍ଟା ଧରି ଅନୁସନ୍ଧାନ କରିଥିଲେ। କେଉଟଗୁଡାଠାରେ ଥିବା ଟାୱାର କାରର ପୋଡା ଇଞ୍ଜିନକୁ ଅନୁଧ୍ୟାନ କରିଥିଲେ। ଦୁର୍ଘଟଣା ଦିନ ଟ୍ରେନ ଚଳାଚଳର ସମୟାବଳୀ ସହ ଅନ୍ୟାନ୍ୟ ବୈଷୟିକ ଦିଗ୍ ସମ୍ପର୍କରେ ଷ୍ଟେଶନ୍ କର୍ମଚାରୀଙ୍କୁ ପଚାରିଥିଲେ। ହେଲେ ଷ୍ଟେଶନ୍‌ର ଅନେକ କର୍ମଚାରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ କମିଶନର ଶର୍ମା ଅସନ୍ତୋଷ ବ୍ୟକ୍ତ କରିବା ସହ ଏଭଳି ତ୍ରୁଟି ଯୋଗୁ ଦୁର୍ଘଟଣା ବଢୁଛି ବୋଲି ପ୍ରକାଶ କରିଥିଲେ। ସେଠାରୁ ଫେରି ରାୟଗଡା ରେଳ ଷ୍ଟେଶନ୍ ଠାରେ ଦରପୋଡା ଅବସ୍ଥାରେ ରହିଥିବା ସମଲେଶ୍ୱରୀ ଏକ୍ସପ୍ରେସର ଇଞ୍ଜିନର ଅନୁସନ୍ଧାନ କରିଥିଲେ। ପରେ ଉକ୍ତ ଦିନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଡାକି ପଚରାଉଚୁରା କରିଥିଲେ। କେଉଁଭଳି ସ୍ଥିତିରେ ସିଗ୍‌ନାଲ ପ୍ରଦାନରେ ଭୁଲ ରହିଲା ଓ ଷ୍ଟେଶନ୍ ପରିଚାଳକଙ୍କ ଦାୟିତ୍ୱ କ'ଣ ରହିଥିଲା ତାହାକୁ ପ୍ରାଥମିକତା ଦିଆଯାଇଥିଲା। ୨ ଦରପୋଡା ଟ୍ରେନର ଇଞ୍ଜିନରୁ କିଛି ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅପରେସନ, ସିଗ୍‌ନାଲ ଓ ବୈଷୟିକ ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଇ ନ ଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି କମିଶନ ଟିମ୍ ପ୍ରକାଶ କରିଛନ୍ତି। ରାୟଗଡା, ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍‌ର ୬୧ଜଣ ବିଭାଗୀୟ କର୍ମଚାରୀଙ୍କୁ ତଦନ୍ତ ପାଇଁ ଡକାଯାଇଥିବା ଜଣାପଡିଛି। ତଦନ୍ତ ଶେଷପରେ ହିଁ ଦୁର୍ଘଟଣାର କାରଣ ସ୍ପଷ୍ଟ ଜଣାପଡିବ ବୋଲି ସେ ସୂଚନା ଦେଇଛନ୍ତି। କମିଶନଙ୍କ ଏହି ତଦନ୍ତ ବେଳେ ରାୟଗଡାଠାରେ ଆର୍‌ପିଏଫ୍ ଇନ୍ସପେକ୍ଟର ଡି.ଏନ୍ ତ୍ରିଲୋକ, ରାୟଗଡା ଷ୍ଟେଶନ୍ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ରେଳବାଇ ନିରାପତ୍ତା କମିଶନର ଆର.କେ. ଶର୍ମାଙ୍କ ସହ ଅନ୍ୟମାନେ ଅନୁଧ୍ୟାନ କରୁଛନ୍ତି।



କାଶୀପୁର ବ୍ଲକ ଟିକିରିସ୍ଥିତ ନୂଆପଡା ଟାଉନ୍‌ଶିପ୍‌ରେ ରହୁଥିବା ସତ୍ୟଭାମା ନାୟକଙ୍କ ବାଡ଼ିରେ ଫୁଟିଥିବା ବ୍ରହ୍ମକମଳ।

# ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ



ସଦ୍‌ଗୁରୁ ଅର୍ଜୁନଙ୍କ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର/ଟିକିରି, ୧୬।୭(ଡି.ଏନ.ଏ.)**

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସଂଘର ପୂର୍ବତନ ପ୍ରଚାରକ ଗୋପାଳକୃଷ୍ଣ ଦେବପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସନାତନ ଧର୍ମ ଏବଂ ସଂସ୍କୃତିରେ ଗୁରୁପୂର୍ଣ୍ଣିମା ତଥା ବ୍ୟାସଦେବଙ୍କ ଜୟନ୍ତୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ରେଣୁକା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ପଙ୍କଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋଜ କୁମାର ମହାରଣା ଏବଂ କରନ କଂସବେହେରା ଛାତ୍ରୀଛାତ୍ରଙ୍କୁ ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଗୁଣପୁରସ୍ଥିତ ସଦ୍‌ଗୁରୁ ଅର୍ଜୁନଙ୍କ ଆଶ୍ରମ ପରିସରରେ ମଧ୍ୟ ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରୀୟ କମିଟିର ଗୁରୁ ପ୍ରତିନିଧି ରବୀନ୍ଦ୍ରନାଥ ମହନ୍ତି, କେଶବ ସେଠୀ, ଶିବଚରଣ ରାୟ ଏବଂ ରାମମୂର୍ତ୍ତି ଗମାଙ୍ଗ ପ୍ରମୁଖ ଯୋଗଦେଇ ବ୍ୟାସ ଦେବଙ୍କ ଜନ୍ମବୃତ୍ତାନ୍ତ ଉପରେ କହିଥିଲେ। ଭାରତୀୟ ସଂସ୍କୃତିକୁ ତାଙ୍କର ଅବଦାନ ସଂପର୍କରେ କହିଥିଲେ। ଏଥିରେ ଧନଞ୍ଜୟ ବେହେରା, ଲାଡି ନାଗେଶ୍ୱର ରାଓ, ହରିହର ସ୍ୱାଇଁ, ପି.ଗୋପାଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବହୁସଂଖ୍ୟାରେ ସଦ୍‌ଗୁରୁ ଅର୍ଜୁନଙ୍କ ଶିଷ୍ୟମାନେ ଯୋଗ ଦେଇଥିବାବେଳେ ୬ ଜଣ ଦୀକ୍ଷା ଗ୍ରହଣ କରିଥିଲେ। ସେହିଭଳି ବାୟାଗୁଡାସ୍ଥିତ ଶିରିଡିସାଇ ମନ୍ଦିରରେ ମଧ୍ୟ ଗୁରୁ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା।

ସେହିପରି କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରବୀଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଗୁରୁ ପୂର୍ଣ୍ଣିମା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ରଘୁନାଥ ବେହେରା ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଗୁରୁଜୀ ଗୁରୁମା ବିଭିନ୍ନ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଡିଏସ୍ ବଣ୍ଟନରେ ହେଉଛି ଅନିୟମିତତା

**ଜୟପୁର, ୧୬।୭(ଡି.ଏନ୍.ଏ.)**

ଜୟପୁର ପୌରସଂସ୍ଥାର ୧୨ ନମ୍ବର ୱାର୍ଡରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଚାଉଳ ଓ କିରୋସିନ ବଣ୍ଟନ ଦାୟିତ୍ୱରେ ଥିବା ଘରୋଇ ଡିପୋ ପରିଚାଳକ ଅନିୟମିତତା ସହ ହିତାଧିକାରୀଙ୍କୁ ଖରାପ ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ନେଇ ବିଧାୟକ ଓ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜୟପୁର ପୌରସଂସ୍ଥାର ୧୨ ନମ୍ବର ୱାର୍ଡ ଭୁପତି ସାହିରେ ପିଡିଏସ୍ ବଣ୍ଟନ ଦାୟିତ୍ୱରେ ଥିବା ଲାଇସେନ୍ସଧାରୀ ଗୁପ୍ତ ପ୍ରସାଦ ପାଣିଗ୍ରାହୀ ପିଡିଏସ୍ ଚାଉଳ ଓ କିରୋସିନ ବଣ୍ଟନରେ ଅବ୍ୟବସ୍ଥା କରୁଛନ୍ତି। ହିତାଧିକାରୀ ଅଭିଯୋଗ କଲେ ପାଲଟା ଧମକ ଦେବା ସହ ଖରାପ ବ୍ୟବହାର କରୁଛନ୍ତି। ମହିଳା ହିତାଧିକାରୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଚାଉଳ ବାହାରେ ବିକିବା ବଦଳରେ ତାଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ କରୁଛନ୍ତି। ଅଞ୍ଚଳର ଅଧିକାଂଶ ଘରେ ବିଜୁଳି ଆଲୁଅ ଓ ଗ୍ୟାସ ଚୁଲା ଥିବା ଯୋଗୁ ହିତାଧିକାରୀ କିରୋସିନ୍ ନେଉ ନ ଥିବାବେଳେ ଉକ୍ତ ଲାଇସେନ୍ସପ୍ରାପ୍ତ ଡିପୋ ପରିଚାଳକ କଳାବଜାରିରେ ସେହି କିରୋସିନ୍‌କୁ ଅଧିକ ଦରରେ ବିକୁଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅଭିଯୋଗପତ୍ର ଦେବାବେଳେ କଂଗ୍ରେସର ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, ୱାର୍ଡ ବାସିନ୍ଦା କେ. ଅରୁଣା ଓ ଅନ୍ୟ ସାହିର ମହିଳାମାନେ ଉପସ୍ଥିତ ଥିଲେ। ଏନେଇ ଡିପୋର ମାଲିକ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ତାଙ୍କ ବିରୋଧରେ ଏହା ମିଥ୍ୟା ଅଭିଯୋଗ ଓ ଷଡ଼ଯନ୍ତ୍ର କରାଯାଇଛି।

# ଜାତୀୟ ଯୁବ କର୍ମଶାଳା

**ପଦ୍ମପୁର, ୧୬।୭ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଭାଗବତ ତୁଙ୍ଗି ପରିସରରେ ଜାତୀୟ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଯୁବ ନେତୃତ୍ୱ ଗଠନ ନିମନ୍ତେ ବିଚାର ବିମର୍ଷ ସହ ଭବିଷ୍ୟତ ଯୋଜନା ପ୍ରସ୍ତୁତି ହୋଇଥିଲା। ବମ୍ବେ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ କୁଳପତି ଡକ୍ଟର ରାଜନ ବେଲୁକର, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟ ଶାସନ ସଚିବ ଡକ୍ଟର ଶରତ ଚନ୍ଦ୍ର ବେହେରା, ମହାରାଷ୍ଟ୍ରର ବିଶିଷ୍ଟ ସମାଜସେବୀ ତଥା ଡକ୍ଟର ସତୀଶ ଗୁଗୁଲ୍‌କାର ଓ ସିକିମ୍ ମଣିପାଲ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମନିଶ ଶର୍ମା, ବିଭିନ୍ନ ଦିବସରେ ଯୋଗଦେଇ ଏକ ଜାତୀୟ ପ୍ରକ୍ରିୟା ନିର୍ମାଣ ପାଇଁ ନୀତି ନିର୍ଦ୍ଧାରଣ ଓ ରଣକୌଶଳ ପ୍ରସ୍ତୁତି ଦିଗରେ ମାର୍ଗଦର୍ଶନ କରିଥିଲେ। ସିକିମ୍ ମଣିପାଲ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅପର୍ଣ୍ଣା ମକ୍କର ଯୋଗ ଦେଇ ଭାରତୀୟ ଅର୍ଥନୀତିରେ ଦେଖାଦେଇଥିବା ସାମ୍ପ୍ରତିକ ସଙ୍କଟ ଓ ଏହାର ନିରାକରଣ ପାଇଁ ସକାରାତ୍ମକ ଦୃଷ୍ଟିକୋଣର ବିକାଶ ତଥା ଗ୍ରାମୀଣ ଅର୍ଥନୀତିର ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସମାଜ ବିଜ୍ଞାନୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ସୁନ୍ଦର ସମାଜ ନିର୍ମାଣ ଲକ୍ଷ୍ୟରେ ଆଜିର ଯୁବ ପିଢ଼ି ନିଷ୍ଠା ଓ ସମର୍ପଣ ସହ ସଂକଳ୍ପବଦ୍ଧ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସାମାଜିକ କର୍ମୀ ବଳରାମ ପଣ୍ଡା, ସ୍ୱେଚ୍ଛାସେବୀ ବିଦ୍ୟାଧର ଶବର, ନୀରକଣ୍ଠ ଶବର, ପି. କୁମାର ସ୍ୱାମୀ, ବୃନ୍ଦାବତୀ ଶବର, କମା ଶବର, କାଳିଆ ସାହୁ, ନରସିଂହ ପଣ୍ଡା, ବାଳକୃଷ୍ଣ ଶବର, ପ୍ରିୟଙ୍କା ଶବର, ପଦ୍ମାବତୀ ଶବର, ବନ୍ଧୁ ଶବର, ଟୁଡୁ ଶବର, କଷ୍ଟେ ଶବର, ସତ୍ୟ ଶବର ଭଳି ବହୁ ଯୁବକ ଓ ମହିଳା ଓ ଛାତ୍ର ସମାଜ ଯୋଗ ଦେଇଥିଲେ। ଏଥିସହ ଗୁଜରାଟ ବିଦ୍ୟାପୀଠ, ରାଇଶୋନି ବିଶ୍ୱବିଦ୍ୟାଳୟ (ମହାରାଷ୍ଟ୍ର), ନାଗପୁର ଇଞ୍ଜିନିୟର କଲେଜ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଛାତ୍ର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ, ରାଜସ୍ଥାନ ଓ ପଶ୍ଚିମବଙ୍ଗ, ଓଡ଼ିଶା, ଉତ୍ତରପ୍ରଦେଶର ୧୫୦ ଜଣ ଯୁବକର୍ମୀ ଓ ଅଧ୍ୟାପକ ଯୋଗ ଦେଇଥିଲେ।



କର୍ମଶାଳାରେ ଅତିଥି ଓ ଅନ୍ୟମାନେ।

# ଲକ୍ଷାଧିକ ଟଙ୍କାର ପଲିଥିନ ସାମଗ୍ରୀ ଜବତ

**କୋରାପୁଟ, ୧୬।୭(ସ୍ୱ.ପ୍ର.)**

କୋରାପୁଟ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ପଲିଥିନ ସାମଗ୍ରୀ ଜବତ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ସହରର ବସ୍‌ଷ୍ଟାଣ୍ଡ, ଅମଲାକୁଟି ରୋଡ୍, ପୋଷ୍ଟ ଅଫିସ ରୋଡ୍ ଆଦି ବିଭିନ୍ନ ଅଞ୍ଚଳରେ ଥିବା ଦୋକାନ ଉପରେ ଚଢ଼ାଉ କରାଯାଇ ପଲିଥିନ, ପ୍ଲାଷ୍ଟିକ ପ୍ଲେଟ, କପ୍, ଗିନା ଭଳି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ ହୋଇଥିଲା। ପରେ ସେଗୁଡ଼ିକୁ ନେଇ ସହର ଉପକଣ୍ଠ ଆକାଶଗୁଡ଼ା ନିକଟସ୍ଥ ଡମ୍ପିଂୟାର୍ଡରେ ପୋଡ଼ି ଦିଆଯାଇଥିଲା। ପୌରସଂସ୍ଥା ପକ୍ଷରୁ ଏହି ଚଢ଼ାଉରେ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଏସ୍‌ଆଇ ଭରତ ହାଲୁଆ, ବିଶ୍ୱନାଥ ମହାରଣା, ସୀମାଞ୍ଚଳ ପଢିହାରୀ, ମୂର୍ତ୍ତି ପଟ୍ଟନାୟକ, ସମୀର ବାଘ, ନୀଳ ଖିଲ ସାମିଲ ଥିଲେ।



ଆମ ସ୍କୁଲ ଗାଡିକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ପଠନ ଦକ୍ଷତା ବୃଦ୍ଧି କର୍ମଶାଳା

**ମୁନିଗୁଡ଼ା, ୧୬।୭(ଡି.ଏନ୍.ଏ.)**

ମୁନିଗୁଡ଼ା ନିକଟବର୍ତ୍ତୀ ହୁକୁମତୋଳାସ୍ଥ ନିଶାଦ୍ରୀ ପବ୍ଲିକ୍ ସ୍କୁଲ ପରିସରରେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ବହୁଭାଷୀ ଶିକ୍ଷକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମୁନିଗୁଡ଼ା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ବିଦ୍ୟାଳୟଗୁଡିକରେ ଆବଣ୍ଟିତ ହେବାକୁ ଥିବା ଶିକ୍ଷଣ ସାଧନ ସାମଗ୍ରୀ କିଟ୍ ଆମ ସ୍କୁଲ ଗାଡିକୁ ସବୁଜ ପତାକା ଦେଖାଇ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଏବଂ ଏସ୍‌ଡିପିଓ ତଥା ସାହିତ୍ୟ ଏକାଡେମୀ ସଦସ୍ୟ ଚନ୍ଦ୍ରଶେଖର ହୋତା ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳାକୁ ପ୍ରକଳ୍ପ ସଂଯୋଜକ ଡଃ. ଚନ୍ଦନ କୁମାର ସିଂହ ସଂଯୋଜନା କରିଥିଲେ। ଦୁଇ ଦିନିଆ ଏହି କର୍ମଶାଳାରେ ମୁନିଗୁଡ଼ା ଏବଂ ଚନ୍ଦ୍ରପୁର ବ୍ଲକର ୩୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସଂଯୋଜକ ଡଃ ଚନ୍ଦନ କୁମାର ସିଂହ, ୟୁନିସେଫ୍ ଜିଲା ଅଧିକାରୀ ପ୍ରକାଶ କୁମାର ବାରିକ, ଶିକ୍ଷାବିତ୍ ଡଃ ଗୌରାଙ୍ଗ ଚରଣ ରାଉତ, ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଯୋଗ ଦେଇ ଛାତ୍ର-ଶିକ୍ଷକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ସାଧନ ସାମଗ୍ରୀ ପ୍ରସ୍ତୁତି, ନୂତନ ପ୍ରଣାଳୀର ଆବେଦନ ଆଦି ବିଷୟରେ ଆଲୋକପାତ କରିଥିଲେ।

■ ପ୍ରକୃତି ମିତ୍ର ରଜତଙ୍କ ପ୍ରୟାସର ଫଳ

# ଲଣ୍ଡା ପାହାଡ଼ ଏବେ ପର୍ଯ୍ୟଟନ କେନ୍ଦ୍ର

**ବୈପାରୀଗୁଡ଼ା, ୧୬।୭(ଡି.ଏନ୍.ଏ.)**

ପରିବେଶ ସୁରକ୍ଷା ଓ ଆଧ୍ୟାତ୍ମିକ ଚିନ୍ତନ ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ସହାୟକ ହୁଏ। ଏ କଥା ଭଲଭାବେ ହୃଦୟଙ୍ଗମ କରିଛନ୍ତି ବୈପାରୀଗୁଡ଼ା ଉପକଣ୍ଠ ଗୁଣ୍ଡାଗୁଡ଼ା ଗ୍ରାମର ରଜତ ହରିଜନ (୪୨)। ହରିଜନ ଓ ପରଜା ଭୂମିଆ ପରିବାରଙ୍କୁ ନେଇ ଗଠିତ ଗୁଣ୍ଡାଗୁଡ଼ା ଗାଁ ପାହାଡ଼ ପାଖକୁ ଲାଗି ରହିଛି। ଦୀର୍ଘ ବର୍ଷ ରାଜ୍ୟ ବାହାରେ ଶ୍ରମିକ ଭାବେ କାମ କରିବା ପରେ ରଜତ ୧୦ ବର୍ଷ ତଳେ ଗାଁକୁ ଫେରିଥିଲେ। ଗାଁ ପାଖ ପାହାଡ଼ରେ ଥିବା ମୂଲ୍ୟବାନ ଶାଗୁଆନ ଜଙ୍ଗଲକୁ ଲୁଟିଚାଲିଥିଲେ ମାଫିଆ। ରଜତଙ୍କ ଦୃଷ୍ଟିକୁ ଏହା ଆସିବା ପରେ ଏହାକୁ ରୋକିବା ପାଇଁ ସେ ବନ ବିଭାଗକୁ ସହାୟତା କଲେ। ତାଙ୍କଠାରୁ ସୂଚନା ପାଇ ବନ ବିଭାଗ ବହୁ କାଠ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିଲା। କେତେକ ଆଦିବାସୀ ପାହାଡ଼ ତଳେ ମଦ ରାନ୍ଧି ଗାଁରେ ଆଣି ବିକୁଥିଲେ ଓ ସେହି ମଦ ପିଇ ଗାଁରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ରଜତ ମଦରନ୍ଧାକୁ ବନ୍ଦ କଲେ। ଗାଁର ଆଉ କେତେକ ଲୋକ ପାହାଡ଼ ତଳେ ଗୋରୁ କାଟୁଥିଲେ। ରଜତ ପୋଲିସ ସହାୟତାରେ ତାହାକୁ ବନ୍ଦ କରିବା ସହ ଗାଁରେ ଥିବା ଚମଡ଼ା ଗୋଦାମକୁ ମଧ୍ୟ ହଟାଇଥିଲେ। ଏଥିପାଇଁ ତାଙ୍କୁ ବହୁ ବିରୋଧ ଓ ଧମକର ସାମ୍ନା କରିବାକୁ ପଡ଼ିଲା। ଏହାର ମୁକାବିଲା ପାଇଁ ସେ ଗାଁର ଯୁବକଙ୍କୁ ସଂଗଠିତ କରି ପାହାଡ଼ ପାଦଦେଶରେ ଛୋଟ ହନୁମାନ ବିଗ୍ରହ ରଖି ଆଖଡା କେନ୍ଦ୍ର ଖୋଲିଲେ। ଯୁବକଙ୍କୁ ବ୍ୟାୟାମ, ଯୋଗ ଓ ନୀତିଶିକ୍ଷା ଦେବା ସହ ସେଠାରେ ଲକ୍ଷାଧିକ ଟଙ୍କା ବିନିଯୋଗ କରି ୨୪ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି ପ୍ରତିଷ୍ଠା କଲେ। ରଜତଙ୍କ ଇଚ୍ଛାଶକ୍ତି ଦେଖି ବନ ବିଭାଗ ସହାୟତାର ହାତ ବଢ଼ାଇଲା। ୨୦୧୭ରେ ତତ୍କାଳୀନ ବନାଞ୍ଚଳ ଅଧିକାରୀ ଉମା ମହେଶଙ୍କ ସୁପାରିଶ କ୍ରମେ ତାଙ୍କୁ ପ୍ରକୃତି ମିତ୍ର ସମ୍ମାନ ମିଳିଥିଲା। ୨୦୧୮-୧୯ରେ ବନ ବିଭାଗ ଉକ୍ତ ସ୍ଥାନକୁ ହନୁମାନ ବାଟିକା ନାମକରଣ କରିବା ସହ ୬ ହେକ୍ଟର ଜାଗାରେ ୮ ହଜାର ଚାରା ରୋପଣ କରିଥିଲା। ବସିବା ପାଇଁ ପିଣ୍ଡି, ବିଦ୍ୟୁତିକରଣ ସରିଥିବା ବେଳେ ଫାଉଣ୍ଟେନ୍ ନିର୍ମାଣ, ଯୋଗାଯୋଗ ପାଇଁ ରାସ୍ତା, ପିଲାଙ୍କ ପାଇଁ ପାର୍କ ଓ ଯୁବକଙ୍କ ପାଇଁ ଜିମ୍ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ରମେଶ ରାଉତ କହିଛନ୍ତି।



ନିଜ ହାତରେ ପରିବେଶ ଗଢ଼ିଥିବା ହନୁମାନ ବାଟିକାରେ ରଜତ ହରିଜନ।

